# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୬ ଡିସେମ୍ବର ୨୦୨୫ । ଶନିବାର




## ପୋଟେରୁ ନଦୀରୁ ଅଜଣା ମହିଳାଙ୍କ ମୃତଦେହ ଉଦ୍ଧାର

**ମାଲକାନାଗିରି: ଏକ୍ସପ୍ରେସ ନ୍ୟୁଜ୍**

ପୋଟେରୁ ନଦୀରୁ ଅଜଣା ମହିଳାଙ୍କ ମୃତଦେହ ଉଦ୍ଧାର। ମାଲକାନଗିରି ଜିଲ୍ଲାର ରାଖେଲଗୁଡା ଗ୍ରାମରୁ ଏହି ଘଟଣା ସାମ୍ନାକୁ ଆସିଛି। ଦିନକ ପୂର୍ବରୁ ଉକ୍ତ ଗ୍ରାମର ନିଖୋଜ ମହିଳାଙ୍କର ମୃତଦେହ ହୋଇ ଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି।

ସୂଚ୍ନା ମୁତାବକ, କୋରୁକୋଣ୍ଡା ଥାନା ନିକଟସ୍ଥ ରାଖେଲଗୁଡା ଗ୍ରାମର ସ୍ୱର୍ଗତ ମୁକା ପଡିଆମୀଙ୍କ ପତ୍ନୀ ଲାକେ ପଡିଆମୀ ନିଖୋଜ ହୋଇଥିବାର ତାଙ୍କ ପୁଅ ରବି ପଡିଆମୀ ସଦର କୋରୁକୋଣ୍ଡା ଥାନାରେ ଏକ ଲିଖିତ ଏତଲା ଦେଇଥିଲେ। ଗୁରୁବାର ଠାରୁ ପୋଲିସ ବିଭିନ୍ନ ସ୍ଥାନରେ ଖୋଜୁଥିଲା। ହେଲେ ଶୁକ୍ରବାର ସକାଳୁ ପ୍ରାୟ ଦୁଇ କିଲୋମିଟର ଦୂର ଡୁଡାମେଟଲା ଗାଁ ନିକଟ ପୋଟେରୁ ନଦୀରେ ଏକ ମୁଣ୍ଡବିହୀନ ମହିଳାଙ୍କର ମୃତଦେହ ଭାସୁଥିବାର ବାଲିଘାଟର ଲୋକେ ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ରାଖେଲଗୁଡା ଗ୍ରାମର ନିଖୋଜ ମହିଳାଙ୍କ ପରିବାର ଓ ଆଖପାଖ ଆଦିବାସୀ ଗ୍ରାମର ଲୋକେ ସେଠାରେ ପହଞ୍ଚି ପୋଲିସକୁ ଜଣାଇ ନଦୀରୁ ମୃତ ଶରୀର ଉଦ୍ଧାର କରିଛନ୍ତି। ତେବେ ପିନ୍ଧା ଲୁଗାରୁ ମୃତଦେହଟି ନିଖୋଜ ମହିଳାଙ୍କର ହୋଇଥାଇପାରେ ଏବଂ କେହି ଦୁର୍ବୃତ୍ତ ମହିଳାଙ୍କ ମୁଣ୍ଡ କାଟି ହତ୍ୟା କରି ନଦୀରେ ଭସାଇ ଦେଇ ଥାଇ ପାରନ୍ତି ବୋଲି ପରିବାର ଲୋକେ ଓ ଗ୍ରାମବାସୀ ସନ୍ଦେହ କରୁଛନ୍ତି।

ସେପଟେ ନଦୀରେ ଅଧିକ ପାଣି ଥିବାରୁ ମୁଣ୍ଡ ଖୋଜିବା ସମ୍ଭବ ହେଉ ନଥିବାରୁ ଅଗ୍ନିଶମ ବିଭାଗକୁ ଖୋଜିବା ନିମନ୍ତେ ସୂଚ୍ନା ଦିଆଯାଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତ ଶରୀର ଜବତ କରି ତଦନ୍ତ ଜାରି ରଖିଛି। ତେବେ ଗୁରୁବାର ସକାଳୁ ନଦୀରେ ଓ ଆଖପାଖ ଅଞ୍ଚଳରେ ପୋଲିସ ପକ୍ଷରୁ ମୁଣ୍ଡ ଖୋଜା ଚ୍ାଲିଛି ବୋଲି କୋରୁକୋଣ୍ଡା ସଦରଥାନା ଅଧିକାରୀ ହିମାଂଶୁ ଶେଖର ବାରିକ ସୂଚ୍ନା ଦେଇଛନ୍ତି। ସେପଟେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚ୍ର୍ଚ୍ଚାର ବିଷୟ ପାଲଟିଛି।

## ସରକାରୀ ସୁବିଧା ପାଇବାରୁ ବଞ୍ଚିତ ବୟସ୍କ

**ଓଡ଼ାପଡ଼ା : ଏକ୍ସପ୍ରେସ ନ୍ୟୁଜ୍**

ବୟସର ଅପରାହ୍ନରେ ପରିଣତ ବୟସରେ କେମିତି ଆର୍ଥିକ ସାହାଯ୍ୟ ଟିକେ ପାଇବା ପାରିବ ଓ କିଭଳି ଦୈନନ୍ଦିନ ଜୀବନରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଟିକେ ଘରକୁ ଆଣିପାରିବ ତା'ସହିତ ବୃଦ୍ଧ ବୟସରେ କିପରି ଆର୍ଥିକ କ୍ଷେତ୍ରରେ କାହା ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ ନ ହେବ ସେଥିପାଇଁ ସରକାର ବାର୍ଦ୍ଧକ୍ୟ ଭତ୍ତା ଭଳି ଐତିହାସିକ ପଦକ୍ଷେପ ଗ୍ରହଣ କଲେ। ଖାଲି ସେତିକି ନୁହେଁ ଗରିବ ବିଧବା ମହିଳା, ଦିବ୍ୟାଙ୍ଗ, ଛାଡ଼ପତ୍ର ପାଇଥିବା ମହିଳା ଓ ପରିଣତ ବୟସରେ ଅବିବାହିତ ମହିଳାମାନଙ୍କ ପାଇଁ ବିଭିନ୍ନ ସମୟରେ ଅଲଗା ଅଲଗା ସ୍କିମ ଦ୍ୱାରା ମଧ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଗଲା। ଉଦ୍ଦେଶ୍ୟ ଥିଲା କି କୌଣସି ବି ଗରିବ ନିରୀହ ହିତାଧୀକାରୀ ଯେମିତି ସାଧାରଣ ମୌଳିକ ଅଧିକାରରୁ ବଞ୍ଚିତ ନ ହୁଅନ୍ତି। ଦୁଃଖ ଏବଂ ପରିତାପର ବିଷୟ ଭତ୍ତା ପାଇବାକୁ ହେଲେ ଏବେ ଅନ୍ୟର ମୃତ୍ୟୁକୁ ଅପକ୍ଷା କରିବାକୁ ପଡିବ। କଥାଟା ଶୁଣିବାକୁ ଅଦ୍ଭୁଆ ଲାଗୁଥିଲେବି ଏହା ନିରାଟ ସତ। ରାଜ୍ୟ ସରକାରଙ୍କ ଅଜବ ନିୟମ। ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ଜଣେ ହିତାଧୀକାରୀଙ୍କ ମୃତ୍ୟୁ ପରେ ଯାଇଁ ଆଉ ଜଣେ ଯୋଗ୍ୟ ହିତାଧୀକାରୀଙ୍କୁ ମିଳିବ ଭତ୍ତା। ଭତ୍ତା ପାଇବା ପାଇଁ ହେଲେ ଅନ୍ୟ ଜଣେ ହିତାଧୀକାରୀଙ୍କ ମୃତ୍ୟୁକୁ ଅପେକ୍ଷା କରିବାକୁ ପଡିବ। ଏହାକୁ ସରକାରୀ ଭାଷାରେ ଡେଥ୍ ଭାକାନ୍ସି କୁହାଯାଉଛି ଅର୍ଥାତ୍ ମୃତ୍ୟୁ ପରେ ଖାଲି ହେଉଥିବା ସ୍ଲଟରେ ନୂଆ ହିତାଧିକାରୀଙ୍କୁ ଭତ୍ତା ଦିଆଯିବ। ଏହି ଅଜବ ନିୟମ ପାଇଁ ସମଗ୍ର ଢେଙ୍କାନାଳ ଜିଲ୍ଲାରେ ୨୦୯୩୯ ହିତାଧୀକାରୀ ବଞ୍ଚିତ ଥିବାବେଳେ, ଓଡ଼ାପଡ଼ା ବ୍ଲକ୍‌ର ୨୮ଟି ପଞ୍ଚାୟତର ସର୍ବମୋଟ ୨୨୩୫ ଜଣ ହିତାଧୀକାରୀ ଦୀର୍ଘ ମାସ ଧରି ଅପେକ୍ଷା କରିଛନ୍ତି। ଏମାନେ ଭତ୍ତା ପାଇବାପାଇଁ ଯୋଗ୍ୟ ହେଲେ ସୁଧା ଅନ୍ୟ ହିତାଧୀକାରୀଙ୍କ ମୃତ୍ୟୁ ପରେ ହିଁ ଏମାନଙ୍କୁ ଭତ୍ତା ମିଳିବ। ସେହିଭଳି କିଛି ୮୦ ବର୍ଷରୁ ଅଧିକ ବୃଦ୍ଧ ୩୫୦୦ ଟଙ୍କା ଭତ୍ତା ପାଇବା କଥା କିନ୍ତୁ ପାଉଛନ୍ତି ମାତ୍ର ୧୦୦୦ ଟଙ୍କା। ହିତାଧୀକାରୀମାନେ ବ୍ଲକ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। କିନ୍ତୁ ତାଙ୍କୁ ବର୍ଦ୍ଧିତ ଟଙ୍କା ମିଳିପାରୁନି। ଆଉ ଏହାର କାରଣ ହେଲା ସେଇ ଅଜବ ନିୟମ, ଡେଥ୍ ଭାକାନ୍ସି ହେଲେ ଯାଇଁ ବର୍ଦ୍ଧିତ ଭତ୍ତା ମିଳିବ। ଏଭଳି ଅନେକ ହିତାଧୀକାରୀ ୮୦ ବର୍ଷ ପାର କରିସାରିଥିଲେ ସୁଦ୍ଧା ଅନ୍ୟର ମୃତ୍ୟୁ ହେଉନି ବୋଲି ବର୍ଦ୍ଧିତ ୩୫୦୦ ଟଙ୍କା ମିଳି ପାରୁନି। ଏଠି ପ୍ରଶ୍ନ ଉଠୁଛି ଯଦି ଢେଙ୍କାନାଳ ଜିଲ୍ଲାରେ ଭତ୍ତା ଅପେକ୍ଷାରେ କୋଡିଏ ହଜାରରୁ ଅଧିକ ହିତାଧୀକାରୀ ତାହେଲେ ଓଡ଼ିଶା ସାରା କେତେ ହିତାଧୀକାରୀ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ସରକାର ଯଦି ଭେକାନ୍ସି ଅପେକ୍ଷା କରିବା ବଦଳରେ ନୂତନ ହିତାଧୀକାରୀଙ୍କୁ ଯୋଗ କରନ୍ତେ ତାହେଲେ ଏଭଳି ସମସ୍ୟା ହୁଅନ୍ତା ନାହିଁ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

## ନଦୀ ସୁରକ୍ଷା ନାଁରେ ନେତାଙ୍କ ବାଲି ଚୋରି

**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**



ବାଡ ଯଦି କ୍ଷେତ ଖାଏ ଗୁହାରୀ କରିବ କାହାକୁ। କହିବାର ଅର୍ଥ କଟକ ଜିଲ୍ଲା ନିଆଳି ଅଞ୍ଚଳର ନିର୍ବାଚ୍ିତ ନେତା ପ୍ରାଚ୍ୀ ନଦୀର ସୁରକ୍ଷା ପାଇଁ ଡିଣ୍ଡିମ ପିଟୁଥିବା ବେଳେ କୁଜି ନେତାଙ୍କ ସହଯୋଗରେ ପ୍ରାଚ୍ୀ ନଦୀ ଗର୍ଭରୁ ବାଲି ଚୋରି କରିବା ଘଟଣା ନିଆଳି ଅଞ୍ଚଳରେ ଚ୍ର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସ୍ଥାନୀୟ ଲୋକେ ଗୋଡେଇ ଗୋଡେଇ ଜେସିବ ମେସିନ୍ ଓ ବାଲି ବୋଝେଇ ଟ୍ରାକ୍ଟର ଭିଡିଓ ଭାଇରାଲ କରିବା ପରେ ନିଆଳି ଓ ବାଲିପାଟଣା ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ। ମିଳୁଥିବା ଅଭିଯୋଗ ଅନୁସାରେ ବିଳମ୍ବିତ ରାତିରେ କଟକ ଜିଲ୍ଲା ନିଆଳି ତହସିଲ ନୂଆଗାଁ ମୌଜା ଓ ବାଲିପାଟଣା ତହସିଲ ଆମାଣାକୁଦ ମୌଜାର ନୂଆଗାଁ କଲେଜ ନିକଟ ଦେଇ ପ୍ରଭାବିତ ପୂର୍ଣ୍ଣତୟା ପ୍ରାଚ୍ୀ ନଦୀକୁ ତାଡି ଶାସକ ଦଳର ନେତା ଓ କୁଜି ନେତା ବୋହି ନେଇଛନ୍ତି ୩୦୦ଶହରୁ ଊର୍ଦ୍ଧ୍ୱ ଟ୍ରାକ୍ଟର ବାଲି। ଦୁଇଟି ଜେସିବ ମେସିନ୍ ସାହାର୍ଯ୍ୟରେ ୧୦/୧୨ ଟ୍ରାକ୍ଟର ସାହାର୍ଯ୍ୟରେ ବିଳମ୍ବିତ ରାତିରେ ବାଲି ବୋହି ନେଉଥିବା ବେଳେ ସ୍ଥାନୀୟ ଲୋକଙ୍କ ହାବୁଡ଼ରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ଭିଡିଓ ଉତ୍ତୋଳନ କରି ଭାଇରାଲ କଲି ପରେ ବି ରାଜସ୍ୱ ବିଭାଗ ନିଆଳି ଓ ବାଲିପାଟଣା ତହସିଲଦାର ନିରବ ରହିବା ଘଟଣା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେପଟେ ମୁଖ୍ୟମନ୍ତ୍ରୀ ମୋହନ ଚ୍ରଣ ମାଝି ଲଘୁ ଖଣିଜ ଚୋରା ଚ୍ାଲାଣ ଉପରେ କଡା ଆଭିମୁଖ୍ୟ ସ୍ପଷ୍ଟ କରିଥିବା ବେଳେ ନିଆଳି ଓ ବାଲିପାଟଣା ତହସିଲଦାରଙ୍କ ନିରବତା ଉପରେ ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। ରାତିରେ ପ୍ରଶାସନ ନିଘୋଡ଼ ନିଦରେ ଶୋଉଛି କୁଜି ନେତା ପ୍ରାଚ୍ୀ ନଦୀ ଗର୍ଭକୁ ଚ୍ିରି ବୋହି ନେଉଛନ୍ତି ଶହ ଶହ ଟ୍ରିପ ବାଲି। ଏହି ଘଟଣାକୁ ନେଇ ନିଆଳି ଅଞ୍ଚଳରେ ଚ୍ର୍ଚ୍ଚାର ବିଷୟ ପାଲଟିଛି। ନେତା ଯଦି ବାଲି ଚୋରି କରି ନିଜ ଘର ପୋତିବେ ତେବେ ସାଧାରଣ ଲୋକେ କ'ଣ ଶିଖିବେ ବୋଲି ବୁଦ୍ଧିଜୀବି ପ୍ରଶ୍ନ କରିଛନ୍ତି। ଏହି ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବା ପାଇଁ ଦାବି ହୋଇଛି।

## ମୁଖ୍ୟମନ୍ତ୍ରୀ ବସ ଯାତାୟାତ ଲାଗି ଦାବି



**ହିନ୍ଦୋଳ: ଏକ୍ସପ୍ରେସ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ମହକୁମା ସ୍ଥିତ ସରକାରୀ ବସ ଷ୍ଟାଣ୍ଡରୁ ବିଭିନ୍ନ ଗ୍ରାମ ଓ ପଞ୍ଚାୟତ ଗୁଡ଼ିକୁ ଦୈନିକ ଯାତାୟାତ କରୁଥିବା ମୁଖ୍ୟମନ୍ତ୍ରୀ ବସ ସେବା ବାଉଁଶ ପୋଖରୀ ପଞ୍ଚାୟତ ଅନ୍ତର୍ଗତ ନୂଆକୋଟ, ଡିହସାହି, ବନ୍ଧା ଭୂଇଁ, କରାବିରା ଆଦି ଗ୍ରାମ ଦେଇ ଦୈନିକ ଯାତାୟାତ କରିବାକୁ ଏହି ସମସ୍ତ ଅଞ୍ଚଳର ଅଧିକାଂଶ ଗ୍ରାମବାସୀ ଜିଲ୍ଲା ପରିଚ୍ାଳକ, ଓଏସଆର୍‌ଟିସି ଢେଙ୍କାନାଳଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ହିନ୍ଦୋଳ ଉପଖଣ୍ଡ ବସ ଷ୍ଟାଣ୍ଡ ପରି ଚ୍ାଳକଙ୍କୁ ପ୍ରଦାନ କରିଛନ୍ତି। ଶତାଧିକ ଜନ ସାଧାରଣଙ୍କ ଦସ୍ତଖତ ସମ୍ବଳିତ ଉକ୍ତ ଦାବି ପତ୍ରରେ ହିନ୍ଦୋଳ ଠାରୁ ବାଉଁଶ ପୋଖରୀ ଦେଇ ଗୁଳେହି ପଞ୍ଚାୟତ ପର୍ଯ୍ୟନ୍ତ ଯାଉ ଥିବା ବସଟି ସିଧାସଳଖ ଯାତାୟାତ କରୁଥିବାରୁ ନୂଆକୋଟ ଅଞ୍ଚଳ ବାସି ବହୁ ଅସୁବିଧାର ସମ୍ମୁଖୀନ ହେଉ ଛନ୍ତି। ହିନ୍ଦୋଳ ଏନ୍‌ଏସିର ୨ ନଂ ଓ ୧ ନଂ ୱାର୍ଡକୁ ସଂଯୋଗ କରୁଥିବା ରାସ୍ତା ଦେଇ ବସଟି ଯାତାୟାତ କଲେ ଲୋକମାନେ ସୁବିଧା ପାଇ ପାରନ୍ତେ। ଉକ୍ତ ଦାବିଟି ଗ୍ରାମବାସୀଙ୍କ ପକ୍ଷରୁ ବହୁ ଦିନରୁ ହୋଇ ଆସୁଛି। ଉକ୍ତ ବସ ଯାତ୍ରା ଦ୍ୱାରା ବିଭିନ୍ନ ସାହି ଓ ଗ୍ରାମବାସୀଙ୍କ ପକ୍ଷରୁ ଯାତ୍ରୀମାନେ ବାଉଁଶ ପୋଖରୀ ପଞ୍ଚାୟତ କାର୍ଯ୍ୟାଳୟ ଛକ ଠାରେ ପହଞ୍ଚିବା ସହିତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ କାମ ନେଇ ଆସିବା ସହିତ ସ୍ୱାସ୍ଥ୍ୟ ସେବା ପାଇଁ ଡାକ୍ତରଖାନାକୁ ସୁବିଧାରେ ଆସି ପାରିବେ। ଦାବିପତ୍ର ପାଇବା ପରେ ଉପଖଣ୍ଡ ବସ ଷ୍ଟାଣ୍ଡ ପରିଚ୍ାଳକ ନୂଆକୋଟ ଓ ଆଖପାଖ ଅଞ୍ଚଳକୁ ଯାଇ ରୋଡ ମ୍ୟାପ ନେଇ ଆସିଛନ୍ତି। ଏଦିଗରେ ପଦକ୍ଷେପ ନେଇ ନୂଆ ବର୍ଷରୁ ନୂଆଁ ରାସ୍ତାରେ ଉପରୋକ୍ତ ଅଞ୍ଚଳ ଗୁଡିକ ଦେଇ ବସ ସେବା ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ନେଇ ଏନ୍‌ଏସି ୧ ନଂ ୱାର୍ଡ କାଉନସିଲର ସୌମିତ୍ର ରଞ୍ଜନ ବେହେରା, ୨ ନଂ ୱାର୍ଡ କାଉନସିଲର ସୁଶାନ୍ତ ନାୟକ, ଭରତ ପ୍ରଧାନ, ପ୍ରସନ୍ନ ପ୍ରଧାନ, ସଦାଶିବ ବେହେରା, ରଞ୍ଜନ ଷଡ଼ଙ୍ଗୀ ପ୍ରମୁଖ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## କିଷାନ କଂଗ୍ରେସ ସେଲର ଜିଲ୍ଲାପାଳଙ୍କୁ ଦାବିପତ୍ର

**ଯାଜପୁର: ଏକ୍ସପ୍ରେସ୍ ନ୍ୟୁଜ୍**



ଚାଷ ଓ ଚାଷୀଙ୍କ ବିଭିନ୍ନ ସମସ୍ୟା ସଂପର୍କରେ କିଷାନ କଂଗ୍ରେସ ସେଲର ଜିଲ୍ଲା ସଭାପତି ବସନ୍ତ କୁମାର ପରିଡା ଆହ୍ୱାନରେ ଗୁରୁବାର ଶତାଧିକ ଚାଷୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟରେ ୪୦ ଭାଗ ଧାନ ଅମଳ ହୋଇ ସାରିଥିଲେ ମଧ୍ୟ ଚାଷୀମାନେ ଟୋକନରୁ ବଂଚିତ ହେଉଛନ୍ତି। ଯାହାକି ଚାଷୀମାନଙ୍କ ବଳକା ଧାନକୁ ସଂଗ୍ରହ, ଧାନ କ୍ରୟ କେନ୍ଦ୍ରରେ ଧାନର ସୁରକ୍ଷା ପାଇଁ ସେଡ ନିର୍ମାଣ, କଟନୀ ଛଟନୀ ବିନା ଧାନ କ୍ରୟ କରିବା, ଫସଲ ବୀମାରେ ଥିବା ସମସ୍ତ ଅସଙ୍ଗତିକୁ ଦୂର କରି ଚାଷୀଙ୍କ ପରିବାରକୁ ସ୍ୱାସ୍ଥ୍ୟବୀମା ଭୁକ୍ତ କରିବା, ୫୫ବର୍ଷ ପରେ ଚାଷୀ ଓ ଭାଗଚାଷୀଙ୍କୁ ୧୦ହଜାର ଟଙ୍କାର ଭତ୍ତା, ସମସ୍ତ ମଣ୍ଡିରେ ସ୍ଥାୟୀ ଗୋଦାମ ଘର ନିର୍ମାଣ କରିବାର ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା କଂଗ୍ରେସ ସଭାପତି ମାଗୁଣୀ ଜେନା, ବଡଚଣାର ଅଜୟ ସାମଲ, ଧର୍ମଶାଳାରୁ କିଷାନ ପଣ୍ଡା, ଦୁର୍ଯ୍ୟୋଧନ ବେହେରା, ଗଦାଧର ଦାସ, ପ୍ରଫୁଲ ରାୟ, ମହମ୍ମଦ ଏକବାର ଆଲମ, ସଂଗ୍ରାମ ସାହାଣୀ, ନାରାୟଣ ରାଉତ, ଅନିଲ ଜେନା, ସଂଜୟ କୁମାର କର, ଅଶୋକ କୁମାର ରାଉତ, ଅଲେଖ ପୃଷ୍ଟି, ଅମରେନ୍ଦ୍ର ସାମଲ, ସନ୍ତୋଷ କୁମାର ପରିଡା, ସନ୍ତୋଷ ବାରିକ, ପ୍ରିୟ ରଂଜନ ସେଠୀ, ଅଶୋକ ବେହେରା, ସାଗର ପାଲ, ହାଡିବନ୍ଧୁ ଜେନା, ଉମେଶ ସାହୁ, ପଙ୍କଜ ନାୟକ, ଅବଦୁଲ ସଲିମ ଖାଁ, ନକୁଳ ଚନ୍ଦ୍ର ଜେନା, ରାମଚନ୍ଦ୍ର ସାମଲ ପ୍ରମୁଖଙ୍କ ସହ ବହୁ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

## ଧରାବତରଣ କଲେ ମା'ଲକ୍ଷ୍ମୀ

**ନିଆଳି: ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଗଶିରମାସ ଶେଷ ପାଳି ଗୁରୁବାର ଧରାପୃଷ୍ଠକୁ ଅବତରଣ କରିଛନ୍ତି ମା'ମହାଲକ୍ଷ୍ମୀ। କଣ୍ଟାପଡା ସିମେତ ଅଡ଼ସପୁର, ସଳେଇ, ବାଇରୋଇ, ଉରାଡ଼, ପାଟସୁନ୍ଦରପୁର, ବଡ଼ପାଟସୁନ୍ଦରପୁର, ସୁନ୍ଦରଗାଁ ଝାରପଡା, ଗୋବିନ୍ଦପୁର, ଓ଼ ଗୋବିନ୍ଦପୁର ବଣିଆସାହି, ଚୌପଡା, ଓ ନାହାଳ ପୁର, ପଞ୍ଚାୟତରେ ସ୍ଥାୟୀ ଓ ଅସ୍ଥାୟୀ ପୂଜା ମଣ୍ଡପକୁ ସୁସଜ୍ଜିତ ଢଙ୍ଗରେ ମା'ପଦ୍ମାଳୟାଙ୍କ ପୂଜା ପାଇଁ ସଜ୍ଜିତ କରାଯାଇଛି। ଗୁରୁବାର ପୂର୍ବାହ୍ନରେ ପାଖରେ ଥିବା ବିଭିନ୍ନ ନଦିପୋଖରୀରୁ ନୀତିକାନ୍ତି ଅନୁଯାୟୀ ପୂଜା ଅର୍ଚ୍ଚନା କରି ବାଦ୍ୟ, ବାଜା, ବାଣ ଓ ବିଭିନ୍ନ ନୃତ୍ୟ ସହିତ ତାଳେ ତାଳେ ଏକ କଳସ ଯାତ୍ରା କରି ବିଭିନ୍ନ ପୂଜାମଣ୍ଡପକୁ ମହିଳା ଓ ପୁରୁଷମାନେ କଳସ ଆଣିଥିଲେ। ପୂଜାମଣ୍ଡପରେ କର୍ମ ଆରମ୍ଭ ହେବା, ସହ କଳସ ପୂଜା, ସୂର୍ଯ୍ୟପୂଜା, ଗ୍ରହପୂଜା, ଦେବଙ୍କ ଆହ୍ୱାନ ଷୋଡଶ ଉପଚ୍ାର ପୂଜା ବିଲ୍ୱଛନ ଅଗ୍ନୀସଯୋଗ ସଂସ୍କାର, ହୋମ, ଆଳତୀ କାର୍ଯ୍ୟକ୍ରମ ବିଭିନ୍ନ ରୀତି ନୀତି ଅନୁଯାୟୀ ପୂଜାମଣ୍ଡପରେ ଅନୁଷ୍ଠିତ ହୋଇଛି। ଚ୍ଳିତବର୍ଷ ମା'ମହାଲକ୍ଷ୍ମୀଙ୍କ ପୂଜା ପାଇଁ କଣ୍ଟାପଡା ସୀମିତ ବିଭିନ୍ନ ପୂଜାମଣ୍ଡପରେ ସ୍ଥାନୀୟ ଅଞ୍ଚଳରେ ବହୁ ଭକ୍ତ ସମାଗମ ହୋଇଥିଲା। ସନ୍ଧ୍ୟା ସମୟରେ ବିଭିନ୍ନ ପୂଜାମଣ୍ଡପରେ ସଂସ୍କୃତିକ କାର୍ଯ୍ୟକ୍ରମ, ପାଲା, ଭଜନ ଓ ନାମ, ସାକୀର୍ତ୍ତନ, କାର୍ଯ୍ୟକ୍ରମ ରହିଛି, କଣ୍ଟାପଡା ବ୍ଲକ୍‌ର ଗୋବିନ୍ଦ ପୁର ଓ ଓଲଟପୁର ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଉରାଡ଼ ବଜାର କମିଟି ୩୦ବର୍ଷରେ ମା'ଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଆସିଛି।

## ଜବତ ଗଞ୍ଜେଇ ହେରଫେର: ଥାନାବାବୁ ସସ୍‌ପେଣ୍ଡ

**ଫୁଲବାଣୀ: ଏକ୍ସପ୍ରେସ ନ୍ୟୁଜ୍**

ଜବତ ଗଞ୍ଜେଇ ହେରଫେର କରିଥିବା ଅଭିଯୋଗରେ କାର୍ଯ୍ୟରୁ ନିଲମ୍ବିତ ହୋଇଛନ୍ତି ଫୁଲବାଣୀ ସଦର ଥାନା ଅଧିକାରୀ ସତୀଶ ଚ୍ନ୍ଦ୍ର ନାୟକ। ରାଜ୍ୟ ଗୃହ ବିଭାଗ ପକ୍ଷରୁ ଏହି ନିଲମ୍ବନ ଆଦେଶ ଜାରି କରାଯାଇଛି। ଆଦେଶ ଅନୁସାରେ ବର୍ତ୍ତମାନ ସେ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟରେ ରିପୋର୍ଟ କରିବେ। ଅଭିଯୋଗ ଅନୁଯାୟୀ କିଛି ଦିନ ପୂର୍ବେ ସଦର ଥାନା ପୋଲିସ ୬ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଥିଲା। ସେଥିରୁ ଦୁଇ କ୍ୱିଣ୍ଟାଲ୍ ଗଞ୍ଜେଇର ହିସାବ ମିଳିନଥିଲା। ଏଥିରେ ଥାନା ଅଧିକାରୀ ସତୀଶଙ୍କ ସମ୍ପୃକ୍ତି ଥିବା ନେଇ ଜଣାପଡିବା ପରେ ତାଙ୍କ ନାଁରେ ସରକାରଙ୍କ ନିକଟରେ ଅଭିଯୋଗ ପହଞ୍ଚିଥିଲା। ସେହି ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୂଚ୍ନା ଅନୁସାରେ ନିକଟରେ ସତୀଶ ଇନ୍ସପେକ୍ଟରରୁ ଡିଏସପି ପଦବୀକୁ ପଦୋନ୍ନତି ହୋଇଥିଲେ।

## ଗଣମାଧ୍ୟମର ପଥ ସବୁବେଳେ କଣ୍ଟକିତ

**ନିମାପଡ଼ା: ଏକ୍ସପ୍ରେସ୍ ନ୍ୟୁଜ୍**

ସତ୍ୟ, ନିର୍ଭୀକ ଏବଂ ନିରପେକ୍ଷ ତଥ୍ୟ ପ୍ରଦାନ କରି ସମାଜକୁ ସଚେତନ କରୁଥିବାରୁ ଗଣମାଧ୍ୟମର ପଥ ସବୁବେଳେ କଣ୍ଟକିତ। ଯେଉଁଠି ଅନ୍ୟାୟ, ଅତ୍ୟାଚ୍ାର ହେଉଛି ସେଠି ଗଣମାଧ୍ୟମର ମୁଖ୍ୟ ଦାୟିତ୍ୱ ରହୁଛି। ପ୍ରକୃତ ତଥ୍ୟ ପ୍ରକାଶ କରି ସତ୍ୟକୁ ଲୋକଲୋଚ୍ନକୁ ଆଣିବାରେ ଗଣମାଧ୍ୟମ ମୁଖ୍ୟ ଭୂମିକା ଗ୍ରହଣ କରୁଥିବାରୁ ଏହାର ପଥ ସବୁବେଳେ କଣ୍ଟକିତ ବୋଲି କହିଛନ୍ତି ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଦୈନିକ ତ୍ରିଭାଷିକ ସମ୍ବାଦପତ୍ର ବିଶ୍ୱବାଣୀର ବିଂଶତମ ପ୍ରତିଷ୍ଠା ଦିବସ ଓ ସମ୍ବର୍ଦ୍ଧନା ଉତ୍ସବ ଜୟଦେବ ଭବନ ଠାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜସ୍ୱ, ବିପର୍ଯ୍ୟୟ ପରିଚ୍ାଳନା ବିଭାଗ ମନ୍ତ୍ରୀ ଶ୍ରୀ ପୂଜାରୀ ଗଣତନ୍ତ୍ରରେ ଗଣମାଧ୍ୟମ ଏବଂ ସାମ୍ବାଦିକର ଭୂମିକା ବିଷୟରେ ଆଲୋଚ୍ନା କରି ସବୁ ଅସ୍ତ୍ରଠାରୁ ଅଧିକ ଶାଣିତ ସାମ୍ବାଦିକର କଲମ, ସେଥିପାଇଁ କଣ୍ଟକିତ ପଥକୁ ପୁଷ୍ପିତ ପଥରେ ପରିବର୍ତ୍ତନ କରିବାରେ ମୁଖ୍ୟ କର୍ଣ୍ଣଧାର ସାଜିଥାଏ ଗଣମାଧ୍ୟମ ବୋଲି କହିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚ୍ନ୍ଦ୍ର ପାତ୍ର, ପଞ୍ଚାୟତରାଜ, ଅବକାରୀ ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚ୍ନ୍ଦନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚ୍ନ୍ଦ୍ର ମହାପାତ୍ର, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚ୍ନା ଦାସ, ଆଇଓୟୁଡବ୍ଲୁଜେ ସଭାପତି ଡ଼ଃ ପୀତବାସ ମିଶ୍ର, ବରିଷ୍ଠ ବିଜେପି ନେତା ମହେଶ ମହାନ୍ତି ପ୍ରମୁଖ ଯୋଗଦେଇ ଗଣମାଧ୍ୟମ ଉପରେ ଲୋକଙ୍କ ଆସ୍ଥା ରହୁନାହିଁ କାହିଁକି ? ସମ୍ବନ୍ଧରେ ବିଶେଷ ଆଲୋକପାତ କରିଥିଲେ। ଗଣତନ୍ତ୍ରର ତିନି ସ୍ତମ୍ଭ ବ୍ୟବସ୍ଥାପକ, ଅମଲାତନ୍ତ୍ର ଓ ନ୍ୟାୟପାଳିକାକୁ ଜଗିଛି ଚ୍ତୁର୍ଥ ସ୍ତମ୍ଭ ଗଣମାଧ୍ୟମ। ତିନି ସ୍ତମ୍ଭ ଭଳି ଗଣମାଧ୍ୟମ ମଧ୍ୟ ଶକ୍ତିଶାଳୀ ହେବା ଉଚ୍ିତ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ।

## କୋଣାର୍କ ଉତ୍ସବର ଚ୍ତୁର୍ଥ ସନ୍ଧ୍ୟା: ମଣିପୁରୀ ଓ ଓଡିଶୀ ନୃତ୍ୟ ଦର୍ଶକଙ୍କ ମନ ମୋହିଲା

**କୋଣାର୍କ: ଏକ୍ସପ୍ରେସ ନ୍ୟୁଜ୍**




ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ତଥା ସଙ୍ଗୀତ ନାଟକ ଏକାଡେମୀ ଓ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମର ମିଳିତ ଉଦ୍ୟମରେ କୋଣାର୍କ ଠାରେ ଆୟୋଜିତ ୩୬ତମ କୋଣାର୍କ ଉତ୍ସବର ଗୁରୁବାର ଥିଲା ଚ୍ତୁର୍ଥ ସନ୍ଧ୍ୟା। ଚ୍ତୁର୍ଥ ସନ୍ଧ୍ୟାରେ ଦେଖୁବାକୁ ମିଳିଥିଲା ମଣିପୁରୀ ଓ ଓଡିଶୀ ନୃତ୍ୟର ଅପୂର୍ବ ସମ୍ଭାର। କୋଣାର୍କ ମନ୍ଦିର ହେଉଛି ଅପୂର୍ବ ଶିଳ୍ପକଳା, ପ୍ରାଚ୍ୀନ କୀର୍ତ୍ତିରାଜି ଓ ମୂଲ୍ୟବାନ ସାଂସ୍କୃତିକ ପରମ୍ପରାର ଚ୍ରମ ନିଦର୍ଶନ। ଓଡ଼ିଶୀ ମନ୍ଦିରର ଚ୍ାରୁକାରୁକଳା ସହିତ ପୁରୁଷ ଓ ପ୍ରକୃତିର ଏକ ଶୋଭନୀୟ ପ୍ରତିଷ୍ଠାନ - ଏହି ମନ୍ଦିର। ମନ୍ଦିର କଳାର ଶିଖର ମଣ୍ଡପ, ଗର୍ବ ଗୃହ, ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ସହ ବହୁଳ କଳା ନିପୁର୍ଣତା ଏବଂ କଳା କୌଶଳର ନିଦର୍ଶନ ମିଳେ। ଗୁରୁବାର ପ୍ରଥମ ପର୍ଯ୍ୟାୟରେ କଲିକତାରୁ ଆସିଥିବା ବିମ୍ବାବତୀ ଦେବୀଙ୍କ ମଣିପୁରୀ ନର୍ତ୍ତନାଳୟର ଶିଳ୍ପୀମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା ମଣିପୁରୀ ନୃତ୍ୟ। ବିମ୍ବାବତୀ ଦେବୀ ବିଗତ ପାଞ୍ଚ ଦଶନ୍ଧି ଧରି କୁଚିପୁଡ଼ି ନୃତ୍ୟ ଶୈଳୀର ଜଣେ ଧୂରୀଣ ନୃତ୍ୟାଙ୍ଗନା। ସେମାନଙ୍କ ଉପସ୍ଥାପନରେ ଥିଲା ଲୀଳାକମଳ, ଏହି ପ୍ରସ୍ତୁତିଟି ମୂଳତଃ କିମ୍ବଦନ୍ତୀ ବାଦକ ଗୁରୁ ବିପିନ ସିଂହଙ୍କ ଦ୍ୱାରା ରଚ୍ିତ ଗୋଷ୍ଠଲୀଳାର ପାରମ୍ପରିକ ନୃତ୍ୟ ଦ୍ୱାରା ଅନୁପ୍ରାଣିତ ଥିଲା ଯେଉଁଥିରେ କୃଷ୍ଣଙ୍କ ବିଭିନ୍ନ ସାହସିକ ଲୀଳାକୁ ଅନୁସରଣ କରଯାଇଥିଲା। ଏହି ପ୍ରସ୍ତୁତିଟିରେ ନୃତ୍ୟ ଏବଂ ସଙ୍ଗୀତ ସହିତ ମିଶ୍ରିତ କରାଯାଇଥିଲା ଯାହା ମଣିପୁରର ବିଭିନ୍ନ ବୈଷ୍ଣବ ପ୍ରଦର୍ଶନ ପରମ୍ପରାର ଏକ ଅତ୍ୟାବଶ୍ୟକ ଅଂଶ ଥିଲା ଯାହାର ନୃତ୍ୟ ସଂରଚ୍ନା ବିମ୍ବାବତୀ ଦେବୀ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଭୁବନେଶ୍ୱରର ଭାରତୀ ନୃତ୍ୟ ମନ୍ଦିରର ଗୁରୁ ଭରତ ଚ୍ରଣ ଗିରି ଓ ସାଥୀଶିଳ୍ପୀମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା ଓଡିଶୀ ନୃତ୍ୟ। ସେମାନଙ୍କର ପ୍ରଥମ ପ୍ରସ୍ତୁତିରେ ଥିଲା ଚ୍ାରୁକେଶୀ ପଲ୍ଲବୀ ଯେଉଁଥିରେ, ତାଳ, ଲୟ ଓ ବିନ୍ୟାସର ମିଶ୍ରଣ ସହିତ ଗତି ଓ ସଙ୍ଗୀତ ମାଧ୍ୟମରେ ରାଗର ସୌନ୍ଦର୍ଯ୍ୟକୁ ପ୍ରକାଶ କରଯାଇଥିଲା ଯାହାର ନୃତ୍ୟ ନିର୍ଦ୍ଦେଶନା ଗୁରୁ ଭାରତ ଚ୍ରଣ ଗିରି, ସଂଗୀତ ସଂଯୋଜନା ଗୁରୁ ଡକ୍ଟର ବିଜୟ କୁମାର ଜେନା ତାଳ ସଂଯୋଜନା ଗୁରୁ ଧନେଶ୍ୱର ସ୍ୱାଇଁ ଓ ଗୁରୁ ଅଜୟ କୁମାର ଚୌଧୁରୀ କରିଥିଲେ। ସେମାନଙ୍କର ଦିତୀୟ ପ୍ରସ୍ତୁତିରେ ଥିଲା ଗଜାନନ, ଭଗବାନ ଗଣେଶଙ୍କ ଦିବ୍ୟ ଉତ୍ପତ୍ତି ବର୍ଣ୍ଣନା କରି ଇନ୍ଦ୍ରଙ୍କ ଅହଂକାର ଏବଂ ଐରାବତ ଉପରେ ଦୁର୍ବାସଙ୍କ ଅଭିଶାପ ଠାରୁ ଶିବଙ୍କ ସହିତ ଯୁବ ଗଣେଶଙ୍କ ସାକ୍ଷାତ ଓ ତାଙ୍କ ମୁଣ୍ଡ କାଟିବା ଏବଂ ନବଜାତ ହାତୀର ମୁଣ୍ଡ ସହିତ ତାଙ୍କ ପୁନର୍ଜୀବନ ପର୍ଯ୍ୟନ୍ତ କଥାବସ୍ତୁକୁ ନେଇ ଅତି ଚ୍ମତ୍କାର ଭାବରେ ନୃତ୍ୟରେ ଉପସ୍ଥାପନ କରିଥିଲେ ଶିଳ୍ପୀମାନେ ଯାହାର ନୃତ୍ୟ ନିର୍ଦ୍ଦେଶନା ଗୁରୁ ଭାରତ ଚ୍ରଣ ଗିରି, ସଂଗୀତ ସଂଯୋଜନା ଗୁରୁ ଡକ୍ଟର ବିଜୟ କୁମାର ଜେନା ତାଳ ସଂଯୋଜନା ଗୁରୁ ଧନେଶ୍ୱର ସ୍ୱାଇଁ ଏବଂ ଗୁରୁ ଅଜୟ କୁମାର ଚୌଧୁରୀ କରିଥିଲେ। ଚ୍ତୁର୍ଥ ସନ୍ଧ୍ୟାର ମୁଖ୍ୟ ଅତିଥି ଭାବେ, ଓଡିଶାର ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚ୍ିବ ଅନୁ ଗର୍ଗ, ଓଡିଶା ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚ୍ିବ ବଲୱନ୍ତ ସିଂହ, ପୂର୍ବତଟ ରେଳବାଇର ମହାପ୍ରବନ୍ଧକ ପରମେଶ୍ୱର ଫଙ୍କୱାଲ, ଯୋଗ ଦେଇ ଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ ଓ ଆଇନ, ପୂର୍ବ ଏବଂ ଅବକାରୀ ମନ୍ତ୍ରୀ ପୃଥୀରାଜ ହରିଚ୍ନ୍ଦନ ଶିଳ୍ପୀ ବୃନ୍ଦଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## ବାଣିଜ୍ୟ

## ରେପୋ କମିଲା: ଜମା ଉପରେ ସୁଧ ବି କମିବ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**




ଗ୍ରାହକଙ୍କୁ ନୂଆବର୍ଷ ଭେଟି ଦେଇଛି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ। ଋଣ କରିଥିବା ଗ୍ରାହଙ୍କ ପାଇଁ ଖୁସି ଖବର। କମିଲା ରେପୋରେଟ୍। ଏଣିକି ବ୍ୟାଙ୍କ ଲୋନର ଇଏମଆଇ ଉପରେ ମିଳିବ ଆଶ୍ୱସ୍ତି। ୦.୨୫ ପ୍ରତିଶତ କମିଛି ରେପୋରେଟ୍। ବର୍ତ୍ତମାନ ରେପୋ ୫.୨୫ ପ୍ରତିଶତକୁ ହ୍ରାସ ପାଇଛି। ଏହା ସହିତ କମିବ ହୋମ-କାର-ପର୍ସନାଲ ଲୋନ ଇଏମଆଇ। ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ମୁଦ୍ରା ନୀତି କମିଟି ବୈଠକରେ ଏହି ଘୋଷଣା କରିଛନ୍ତି। ଏହା ସିହତ ୨୦୨୫-୨୬ ପାଇଁ ଜିଡିପି ଅଭିବୃଦ୍ଧି ୭.୩ ପ୍ରତିଶତକୁ ବୃଦ୍ଧି ହୋଇଥିବା ପୂର୍ବାନୁମାନ କରିଛି ଆରବିଆଇ।

ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି କି, ଏମଏସପି ୩ ଏବଂ ୫ ଡିସେମ୍ବର ଯାଏ ସ୍ଥିତି ସମୀକ୍ଷା କରିଛି। ଦେଶରେ ସୁଧହାର ପରିସ୍ଥିତି ବିଶ୍ୱ ଅର୍ଥନୈତିକ ପରିବେଶ, ସାଧାରଣ କ୍ରଣ ଚ୍ାହିଦା ଏବଂ କ୍ରମାଗତ ହ୍ରାସ ପାଉଥିବା ମୁଦ୍ରାସ୍ଫୀତିକୁ ବିଚ୍ାରକୁ ନେଇ ସମସ୍ତ ସଦସ୍ୟ ସର୍ବସମ୍ମତିକ୍ରମେ ରେପୋ ହାର ହ୍ରାସ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ, ଭାରତର ଅର୍ଥନୀତି ଭଲ ସ୍ଥିତିରେ ଅଛି। ଦ୍ୱିତୀୟ ତ୍ରୈମାସିକରେ ଜିଡିପି ୮.୨% ଅଭିବୃଦ୍ଧି କରିଥିଲା, ଏବଂ ଅକ୍ଟୋବର ୨୦୨୫ରେ ଖୁଚୁରା ମୁଦ୍ରାସ୍ଫୀତି ମାତ୍ର ୦.୨୫% ଥିଲା, ଯାହା ଏହାର ସର୍ବନିମ୍ନ ସ୍ତର। ଏହା ଆରବିଆଇ ପାଇଁ ସୁଧହାର ହ୍ରାସ କରିବା ପାଇଁ ଏକ ଭଲ ସୁଯୋଗ ପ୍ରଦାନ କରିଥିଲା।

ତେବେ ରେପୋ ହାର ହ୍ରାସ ବ୍ୟାଙ୍କ ଋଣ ଉପରେ ସିଧାସଳଖ ପ୍ରଭାବ ପକାଇବ। ବ୍ୟାଙ୍କଗୁଡ଼ିକ ଏବେ କମ ସୁଧ ହାରରେ ଆରବିଆଇ ଠାରୁ ଟଙ୍କା ଋଣ ନେଇପାରିବେ, ଯାହା ଗ୍ରାହକଙ୍କୁ ଲାଭ ଦେବ। ଗୃହ ଋଣ ଇଏମଆଇ କମ ହେବ, ଅଟୋ ଋଣ ଶସ୍ତା ହେବ ଏବଂ ବ୍ୟକ୍ତିଗତ ଋଣ ଉପରେ ସୁଧ ହାରରେ ମଧ୍ୟ ରିହାତି ସମ୍ଭବ। ଏହି ପଦକ୍ଷେପ ଗ୍ରାହକଙ୍କ ପକେଟକୁ ଯଥେଷ୍ଟ ଆଶ୍ୱସ୍ତି ପ୍ରଦାନ କରିପାରେ।

## ଲଣ୍ଡନରେ ରାଜ-ସିମରନଙ୍କ ଆଇକନିକ ବ୍ରୋଞ୍ଜ ପ୍ରତିମୂର୍ତ୍ତି




## ସିନେମାଫିନେମା ଟିଭିଫିବି

**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ପ୍ରସିଦ୍ଧ ବଲିଉଡ୍ ଫିଲ୍ମ ଦିଲୱାଲେ ଦୁଲହନିଆ ଲେ ଜାଏଙ୍ଗେ ମୁକ୍ତିଲାଭ କରିବାର ୩୦ ବର୍ଷ ପୂରଣ କରିଛି। ସୁପରଷ୍ଟାର ଶାହାରୁଖ ଖାନଙ୍କ କ୍ୟାରିଅରରେ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଭାବରେ ପରିଚ୍ିତ ଏହି ରୋମାଣ୍ଟିକ ଫିଲ୍ମ, ୨୦ ଅକ୍ଟୋବର, ୧୯୯୫ରେ ପ୍ରିମିୟର ହୋଇଥିଲା ଏବଂ ସେବେଠାରୁ ଭାରତୀୟ ସିନେମା ଇତିହାସରେ ସବୁଠାରୁ ସଫଳ ଏବଂ ଦୀର୍ଘତମ ଚ୍ାଲୁଥିବା ଚ୍ଳଚ୍ଚିତ୍ର ମଧ୍ୟରୁ ଗୋଟିଏ ହୋଇଛି। ଏହି ପ୍ରସିଦ୍ଧ ଚ୍ଳଚ୍ଚିତ୍ର କେବଳ ଏକ ବ୍ଲକବ୍ଲଷ୍ଟପର ଫିଲ୍ମ ନଥିଲା ବରଂ ଏକ ବ୍ଲକବଷ୍ଟର ସାଉଣ୍ଡଟ୍ରାକ୍ ମଧ୍ୟ ସୃଷ୍ଟି କରିଥିଲା। ଯାହା ଦୀର୍ଘ ଦଶନ୍ଧି ଧରି ଲୋକପ୍ରିୟ ହୋଇ ରହିଛି। ସେହିପରି ରାଜ ଏବଂ ସିମରନଙ୍କୁ ବିଦେଶରେ ମଧ୍ୟ ବହୁ ପ୍ରଶଂସକ ଅଛନ୍ତି। ନିକଟରେ ଲଣ୍ଡନରେ ରାଜ ଏବଂ ସିମରନଙ୍କ ଏକ ବ୍ରୋଞ୍ଜ ପ୍ରତିମା ତିଆରି କରାଯାଇଛି। ଯାହାକୁ ଶାହରୁଖ ଖାନ ଏବଂ କାଜୋଲ ଏହାକୁ ଉନ୍ମୋଚ୍ନ କରିବା ପାଇଁ ବ୍ୟକ୍ତିଗତ ଭାବରେ ଆସିଥିଲେ। ବ୍ରୋଞ୍ଜ ପ୍ରତିମାରେ ରାଜ ଏବଂ ସିମରନଙ୍କୁ ସେମାନଙ୍କର ଆଇକନିକ୍ ଲୁକରେ ଦେଖିବାକୁ ମିଳିଛି।

ଦିଲୱାଲେ ଦୁଲହନିଆ ଲେ ଜାଏଙ୍ଗେର ୩୦ତମ ବାର୍ଷିକୀ ଉପଲକ୍ଷେ ଲଣ୍ଡନର ଲିସେଷ୍ଟର ସ୍କୋୟାରରେ ରାଜ ଏବଂ ସିମରନଙ୍କ ଏକ ବ୍ରୋଞ୍ଜ ପ୍ରତିମା ଉନ୍ମୋଚ୍ନ କରିଛନ୍ତି ଶାହରୁଖ ଖାନ ଏବଂ କାଜୋଲ। ଏହା ବଲିଉଡ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ, କାରଣ ପ୍ରଥମ ଥର ପାଇଁ କୌଣସି ଭାରତୀୟ ଚ୍ଳଚ୍ଚିତ୍ରକୁ ଲିସେଷ୍ଟର ସ୍କୋୟାରରେ ଏକ ପ୍ରତିମା ସହିତ ସମ୍ମାନିତ କରାଯାଇଛି। ଲିସେଷ୍ଟର ସ୍କୋୟାରର ଲୋକପ୍ରିୟ 'ସିନ୍ସ ଇନ୍ ଦି ସ୍କୋୟାର' ଟ୍ରେଲରେ ଶାହରୁଖ ଖାନ ଏବଂ କାଜୋଲଙ୍କ ଏହି ପ୍ରତିମୂର୍ତ୍ତିକୁ ଯଶ ରାଜ ଫିଲ୍ମସର ସିଇଓ ଅକ୍ଷୟ ବିଧାନି ଏବଂ ହାର୍ଟ ଅଫ୍ ଲଣ୍ଡନ ବିଜନେସ୍ ଆଲାଏନ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ରୋସ୍ ମୋର୍ଗାନଙ୍କ ଉପସ୍ଥିତିରେ ଉନ୍ମୋଚ୍ନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭାରତ ଏବଂ ୟୁକେ ମଧ୍ୟରେ ଗଭୀର ସାଂସ୍କୃତିକ ସମ୍ପର୍କକୁ ମଧ୍ୟ ପାଳନ କରାଯାଇଥିଲା।

ପ୍ରତିମୂର୍ତ୍ତି ଉନ୍ମୋଚ୍ନ କାର୍ଯ୍ୟକ୍ରମରେ, ଶାହରୁଖ ଖାନ ଖୁସି ବ୍ୟକ୍ତ କରି କହିଥିଲେ ଯେ, ଏହି ଫିଲ୍ମଟି ତାଙ୍କ ହୃଦୟର ବହୁତ ନିକଟତର। ଏହା ପ୍ରେମ ପ୍ରସାର କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଏକ ଫିଲ୍ମ ଥିଲା। ଏହି ଫିଲ୍ମ ତାଙ୍କୁ ସ୍ୱୀକୃତି ଦେଇଛି। ସେ ୟୁକେର ଲୋକମାନଙ୍କୁ ଏବଂ ହାର୍ଟ ଅଫ୍ ଲଣ୍ଡନ ବ୍ୟବସାୟ ଆଲାଏନ୍ସକୁ ଧନ୍ୟବାଦ ଜଣାଇଥିଲେ। ଶାହରୁଖ କହିଥିଲେ, 'ଏହା ଏକ ଭାବପ୍ରବଣ ମୁହୂର୍ତ୍ତ ଯାହା ଅନେକ ସ୍ମୃତିକୁ ଫେରାଇ ଆଣିଛି। ମୁଁ ସାରା ବିଶ୍ୱରେ ଫିଲ୍ମ ପାଇଁ ପାଇଥିବା ଭଲ ପାଇବା ପାଇଁ ବହୁତ ଗର୍ବିତ ଏବଂ ମୁଁ ଏହି ମୁହୂର୍ତ୍ତକୁ ସମ୍ପୂର୍ଣ୍ଣ ଡିଡିଏଲଜି ଟିମ୍, ନିର୍ଦ୍ଦେଶକ ଆଦିତ୍ୟ ଚୋପ୍ରା ଏବଂ ଯଶ ରାଜ ଫିଲ୍ମସ ପରିବାର ସହିତ ବାଣ୍ଟିବାକୁ ଚ୍ାହୁଁଛି। ମୁଁ ଏହି ମୁହୂର୍ତ୍ତକୁ କେବେ ଭୁଲିପାରିବି ନାହିଁ।' ଏହି ସମୟରେ, ଡିଡିଏଲଜିର ସିମରନ ବା କାଜୋଲ୍, କହିଛନ୍ତି ଯେ, ୩୦ବର୍ଷ ପରେ ମଧ୍ୟ ଲୋକଙ୍କଠାରୁ ଏତେ ଭଲପାଇବା ପାଇ ସେ ବହୁତ ଖୁସି। ସେ କହିଛନ୍ତି, 'ଲଣ୍ଡନରେ ପ୍ରତିମା ଉନ୍ମୋଚ୍ନ ହେଉଥିବା ଦେଖିବା ଆମ ଇତିହାସର ଏକ ଅଂଶକୁ ପୁନର୍ଜୀବିତ କରିବା ଭଳି ଥିଲା। ଏକ କାହାଣୀ ଯାହା ପିଢ଼ି ପରେ ପିଢ଼ି ରହିଛି।'

